# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 19 June – 2024

# ପିଏମ୍ କିଶାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ପିଏମ୍ କିଶାନ ସମ୍ମାନନିଧି ଯୋଜନାରେ ୧୭ତମ କିସ୍ତି ପ୍ରଦାନ କରିଛନ୍ତି । ଏଥିରେ ୯ କୋଟି ୨୬ଲକ୍ଷ କୃଷକ ପରିବାରକୁ ୨୦ହଜାର କୋଟିରୁ ଅଧିକ ଟଙ୍କା ଦିଆଯାଇଛି । ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରଗଡରେ ଚାଷୀମାନଙ୍କୁ କିସ୍ତି ବଣ୍ଟନ କରିଥିଲେ । ଏହି ଯୋଜନାରେ ରାଜ୍ୟର ୩୧ଲକ୍ଷ ୬୨ହଜାର ଚାଷୀଙ୍କୁ ୬୩୨କୋଟି ୪୮ଲକ୍ଷ ଟଙ୍କା ଦିଆଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଆଗାମୀ ୧୦୦ ଦିନ ଭିତରେ ଓଡ଼ିଶାର ଚାଷୀମାନେ ଧାନର ବର୍ଦ୍ଧିତ ଦର ପାଇବେ । ଧାନର କ୍ୱିଣ୍ଟାଲ ପ୍ରତି ଦର ୩୧୦୦ ଟଙ୍କା କରିବାକୁ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଛି । ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବା ସହ କୃଷକ ସମୃଦ୍ଧି ନୀତି ଅଣାଯିବ ଏବଂ ଏକ କର୍ପସ ପାଣ୍ଠି ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ବାଚସ୍ପତି ନିର୍ବାଚନ

ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ଆଜି ବାଚସ୍ପତି ପଦବୀ ପାଇଁ ନାମାଙ୍କନ ଦାଖଲ ହେବ । ଅପରପକ୍ଷରେ ଗତକାଲି କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୧୦୧ ଜଣ ନବନିର୍ବାଚିତ ବିଧାୟକଙ୍କୁ

ଶପଥପାଠ କରାଇଥିଲେ । ଆଜି ଆଉ ୪୫ ବିଧାୟକ ଶପଥ ନେବାର କାର୍ଯ୍ୟକ୍ରମ ରହିଛି ।

## ଓସେପା-ହାଇକୋର୍ଟ

ରାଜ୍ୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ମାମଲାରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ-ଓସେପା ମେଧା ତାଲିକାକୁ ଓଡ଼ିଶା ହାଇକୋର୍ଟ କାଏମ ରଖିଛନ୍ତି । ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣସିଂହ ଓ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ମେଧା ତାଲିକା ସହ ଆବେଦନକାରୀଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି ରାଜ୍ୟରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ମେଧାବୀ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ସେଥିପାଇଁ ମେରିଟ୍ ସହ ପ୍ରିଫରାନ୍ସକୁ ଗୁରୁତ୍ୱ ଦିଆଯାଇଛି । ସୂଚନା ଅନୁସାରେ କନିଷ୍ଠ ଶିକ୍ଷକ ନିଯୁକ୍ତିକୁ ନେଇ ପୂର୍ବରୁ ହାଇକୋର୍ଟର ଜଣିକିଆ ବିଚାରପତି ମେଧା ତାଲିକାକୁ ରଦ୍ଦ କରିଦେଇଥିଲେ । ଏହାକୁ ବିରୋଧ କରି ରାଜ୍ୟ ସରକାର ଓ ଚାକିରୀରୁ ବଞ୍ଚିତ ହୋଇଥିବା କେତେକ ପ୍ରାର୍ଥୀ ଉଚ୍ଚ ନ୍ୟାୟାଳୟରେ ରିଟ୍-ଅପିଲ କରିଥିଲେ ।

## ଡାକଘର ଅଧିନିୟମ

ଦେଶରେ ଗତକାଲିଠାରୁ ଡାକଘର ଅଧିନିୟମ ୨୦୨୩ ଲାଗୁ ହୋଇଛି । ଏହା ଭାରତୀୟ ଡାକଘର ଆଇନ୍ ୧୮୯୮କୁ ଉଚ୍ଛେଦ କରିଛି । ନାଗରିକ କେନ୍ଦ୍ରୀକ ସେବା, ବ୍ୟାଙ୍କିଂ ସେବା ଏବଂ ସରକାରୀ ଯୋଜନାର ଲାଭ

ଅନ୍ତିମ ସୋପାନରେ ପହଞ୍ଚାଇବା ପାଇଁ ଏକ ସରଳ ଆଇନ୍‌ଗତ ଢ଼ାଞ୍ଚା ସୃଷ୍ଟି କରିବା ଏହି ଆଇନ୍‌ର ଉଦ୍ଦେଶ୍ୟ ।

## ରକ୍ତହୀନତା ନିରାକରଣ

ରାଜ୍ୟରେ ଆଜିଠାରୁ ରକ୍ତଶିକୁଳୀ ଜନିତ ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ଆରମ୍ଭ ହେଉଛି । ଏହା ଆସନ୍ତା ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ବିଭିନ୍ନ ଜିଲ୍ଲାରେ ରକ୍ତଶିକୁଳୀ ରୋଗର ନିରାକରଣ ନେଇ ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯିବ । ଜିଲ୍ଲାସ୍ତରୀୟ ଅଧିକାରୀ, ସିଡିପିଓ ମାନଙ୍କୁ କାର୍ଯ୍ୟକ୍ରମରେ ସାମିଲ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି । ୨୦୪୭ ମସିହା ସୁଦ୍ଧା ଏହି ରୋଗର ସମ୍ପୂର୍ଣ୍ଣ ନିରାକରଣ ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି ।

## ଗାଁକୁ ପିଚୁ ରାସ୍ତା

ଗ୍ରାମାଞ୍ଚଳରେ ଗମନାଗମନକୁ ସହଜସାଧ୍ୟ କରିବା ଲକ୍ଷ୍ୟରେ ଆଗାମୀ ଦିନରେ ୧୦୦ ଜନସଂଖ୍ୟା ବିଶିଷ୍ଟ ଗାଁକୁ ପିଚୁ ରାସ୍ତାରେ ସଂଯୋଗ କରାଯିବ ବୋଲି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି । ଗତକାଲି ବିଭାଗର କାର୍ଯ୍ୟର ସମୀକ୍ଷା କରି ଶ୍ରୀ ନାଏକ କହିଛନ୍ତି, ଗ୍ରାମାଞ୍ଚଳରେ ସଡ଼କ ସଂଯୋଗୀକରଣ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ସରକାରଙ୍କ ପ୍ରାଥମିକତା ରହିବ । ପିଏମ୍ ଜନମନ ଯୋଜନାରେ ୩୫୦ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଲକ୍ଷ୍ୟ

ରଖାଯାଇଛି । ଏଥିସହ ଆଗାମୀ ୧୦୦ ଦିନ ମଧ୍ୟରେ ୨୦୦ଟି ପୋଲର କାମ ସମ୍ପନ୍ନ ହେବା ନେଇ ଆଲୋଚନା କରାଯାଇଥିବା ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ।

## ଡାକ୍ତରଖାନାରେ ଏକ୍ସ ଆକାଉଣ୍ଟ

ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ନିମନ୍ତେ ପ୍ରତ୍ୟେକ ଡାକ୍ତରଖାନାରେ ନିଜସ୍ୱ ସାମାଜିକ ଗଣମାଧ୍ୟମ ଏକ୍ସ ଆକାଉଣ୍ଟ ଖୋଲିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ୩ ଦିନ ମଧ୍ୟରେ ଏକ୍ସ ଆକାଉଣ୍ଟ ଖୋଲିବା ସହିତ ଏ ସମ୍ପର୍କିତ ବିବରଣୀ ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କୁ ପ୍ରଦାନ କରିବା ଲାଗି ବିଭାଗୀୟ ଶାସନ ସଚିବ ସାଲିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି । ବିଭାଗ ପକ୍ଷରୁ କୁହାଯାଇଛି, ସମସ୍ତ ଜିଲ୍ଲା ଡାକ୍ତରଖାନା ସମେତ ଉପଖଣ୍ଡ ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜନ ସ୍ୱାସ୍ଥ୍ୟକେନ୍ଦ୍ରରର ମେଡ଼ିକାଲ ଅଫିସରଙ୍କ ତତ୍ତ୍ୱାବଧାନରେ ଏକ୍ସ ଆକାଉଣ୍ଟ ପରିଚାଳିତ ହେବ । ଯେଉଁସବୁ ଅଭିଯୋଗ ଆସିବ ତା'ର ସମାଧାନ ପାଇଁ ସମ୍ପୃକ୍ତ ମେଡ଼ିକାଲ ଅଫିସର ପଦକ୍ଷେପ ନେବେ ।

## ଟେବୁଲ ଟପ ଏକ୍ସରସାଇଜ୍

ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପାଇଁ ଗତକାଲି ଟେବୁଲ ଟପ ଏକ୍ସରସାଇଜ୍ ବୈଠକ ଅନୁଷ୍ଠିତ ହୋଇଛି । କେନ୍ଦ୍ରାପଡାରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ

ଅନୁଷ୍ଠିତ ବୈଠକରେ ବିପର୍ଯ୍ୟୟକୁ ନେଇ ସମୟରେ ତୃଣମୂଳ ସ୍ତରରେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ସେହିଭଳି ସୁନ୍ଦରଗଡଠାରେ ଆୟୋଜିତ ବୈଠକରେ ବିପର୍ଯ୍ୟୟ ସମୟରେ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ପୀଡିତ ଜନସାଧାରଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିଭଳି ଖୋର୍ଦ୍ଧା, ସୁବର୍ଣ୍ଣପୁର, ଗଞ୍ଜାମ ଜିଲ୍ଲାରେ ମଧ୍ୟ ଟେବୁଲ ଟପ ଏକ୍ସରସାଇଜ୍ ବୈଠକ ଅନୁଷ୍ଠିତ ହୋଇଯାଇଛି ।

# ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ସକ୍ରିୟ ରହିଛି । ଆସନ୍ତା ୩ରୁ ୪ ଦିନ ମଧ୍ୟରେ ରାଜ୍ୟର ଆଉକିଛି ଅଞ୍ଚଳକୁ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଗତକାଲି କାଳବୈଶାଖୀର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି । ଗତକାଲି ଅପରାହ୍ଣ ସୁଦ୍ଧା କଟକରେ ସର୍ବାଧିକ ୨୩ ମିଲିମିଟର ବର୍ଷା ରେକର୍ଡ ହୋଇଥିଲା । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ୧୫ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରିଛି ।